# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



ସଦାପ୍ରଭୁ ପରମେଶ୍ୱର ଯୋଶେଫଙ, ଏକ କ୍ରୀତଦାସକୁ ଉପରକୁ ଉଠାଇଲେ ।

ଲେଖକ: Edward Hughes
ଦୃଷ୍ଟାନ୍ତ: M. Maillot; Lazarus
ଉପଯୋଜକ: M. Maillot; Sarah S; Alastair P.
ଅନୁବାଦକ: Prasanta Bhuyan
ପ୍ରଯୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2021 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯୋଶେଫ୍ ଭୁଲ ଭାବରେ ନିଜର ପୂର୍ବତନ ମାଲିକଙ୍କ
ଦ୍ୱାରା କାରାଗାରରେ ନିକ୍ଷେପ କରାଯାଇଥିଲେ ।
କାରାଗାରରେ ଯୋଶେଫ୍ ବାଧ୍ୟତା ଓ ପରୋପକରୀ
ଥିଲେ । କାରା ରକ୍ଷକ କାରାଗାରରେ ଲୋକଙ୍କ
ଜୀବନ ସଜାଡ଼ିବାକୁ ଯୋଶେଫଙ୍କ
ଉପରେ ଭରଷା କଲେ । କାରଣ
ପରମେଶ୍ୱର ଯୋଶେଫଙ୍କ
ସହିତରେ ଥିଲେ, କାରାଗାର
ସମସ୍ତଙ୍କ ନିମନ୍ତେ ଏକ
ଉତ୍ତମ ସ୍ଥାନ ହୋଇଗଲା ।



ରାଜାଙ୍କର ପାନପାତ୍ର ବାହକ ଓ ସୁଫକାର ଦୁହେଁ
କାରାଗାରରେ ଥିଲେ । ତୁମ୍ଭେ କହିଁକି ଦୁଃଖିତ ଅଟ
ଯୋଶେଫ୍ ଦିନେ ସେମାନଙ୍କୁ ପଚ଼ାରଲେ  । କେହି
ଜଣେହେଲେ ମଧ୍ୟ ଆମ୍ଭ ସ୍ୱପ୍ନର ଉତ୍ତର କହି ପାରୁନାହାନ୍ତି,



ତୁମ୍ଭ ସ୍ୱପ୍ନର ଉତ୍ତର ଅନୁଷାରେ ତୁମ୍ଭେ ଫାରୋଙ୍କର ଅନୁଗ୍ରହ ପ୍ରାପ୍ତ ହେବ ଓ ତିନିଦିନ ମଧ୍ୟରେ ନିଜକାର୍ଯ୍ୟରେ ପୁଣିଥରେ ନିଯୁକ୍ତି ପାଇବ, ଯୋଶେଫ୍ ପାନପାତ୍ର ବାହକଙ୍କୁ କହିଲେ । ମୋତେ ମନେକରି ଏହି ସ୍ଥାନରୁ ମୁକ୍ତ କରିବାକୁ ଫାରୋଙ୍କୁ ଅନରୋଧ କର ।

ସୁପକାରର ସ୍ୱପ୍ନରେ ଦୁଃସଂବାଦ ଥିଲା । ତୁମେ ତିନିଦିନ ମଧ୍ୟରେ ମରିଯିବ, ଯୋଶେଫ୍ ତାହାଙ୍କୁ କହିଲେ । ଦୁଇଟିଯାକ ସ୍ୱପ୍ନର ଉତ୍ତର ସତ୍ୟ ହୋଇଗଲା ।



କିନ୍ତୁ ସେହି ପାନପାତ୍ରବାହକ ସବୁକିଛି ପାଶୋରିଗଲେ ସେ ପର୍ଯ୍ୟନ୍ତ ଯେବେ ଫାରୋ ନିଜେ ଏକ ସକାଳେ ଅଶାନ୍ତ ଭାବରେ ଉଠିଲେ । ମୁ ଏକ ସ୍ୱପ୍ନ ଦେଖିଲି, ସେ କହିଲେ । ତାଙ୍କ ଦେଶର ପଣ୍ଡିତ ଓ ମନ୍ତ୍ରଙ୍କ କେହିମଧ୍ୟ ସ୍ୱପ୍ନର ଉତ୍ତର କରି





ପାରିଲେ ନାହିଁ । ସେହି ସମୟରେ ପାନପାତ୍ର ବାହକ କାରାଗାରରେ ଥିବା ଯୋଶେଫଙ୍କୁ ମନେ ପକାଇଲେ । ସେ ଫାରୋଙ୍କୁ ତାଙ୍କ ବିଷୟରେ କହିଲେ ।

ସଂଙ୍ଗେ ସଂଙ୍ଗେ ଫାରୋ ଯୋଶେଫଙ୍କୁ ବାହାରକୁ ଆଣିବାକୁ ପଠାଇଲେ । ତୁମ୍ଭର ସ୍ୱପ୍ନ ପରମେଶ୍ୱରଙ୍କଠାରୁ ଏକ ବାଣୀ ଅଟେ, ଯୋଶେଫ୍ ଫାରୋଙ୍କୁ କହିଲେ । ମିଶର ଦେଶରେ ଆସନ୍ତା ସାତ ବର୍ଷ ଅନେକ ପରିମାଣରେ ଫସଲ ହେବ, ତା ପରେ ଆସିବା ସାତ ବର୍ଷ ଭୟଙ୍କର ଦୁର୍ଭିକ୍ଷ ହେବ ।



ପ୍ରଥମେ ଆସିବା ଉତ୍ତମ ସାତ ବର୍ଷର
ଫସଲକୁ ସଂଗ୍ରହ କରି ରଖିବାକୁ ଯୋଜନା
କରନ୍ତୁ, ଯୋଶେଫ୍ ଫାରୋଙ୍କୁ ଅନୁଯୋଗ
କଲେ, ତା ନହେଲେ
ଦୁର୍ଭୀକ୍ଷ ହେତୁ ଲୋକମାନେ
ଅନାହାରରେ ମୃତୁବରଣ
କରିବେ । ପରମେଶ୍ୱର
ତୁମ୍ଭ ସହିତ ଅଟନ୍ତି,
ଫାରୋ କହିଲେ । ତୁମ୍ଭେ
ସମସ୍ତ ମିଶରର ଅଧ୍ୟକ୍ଷ
ହେବ, କେବଳ ମୋହର
ଦ୍ୱୀତୀୟରେ ତୁମ୍ଭେ ରହିବ ।



ଉତ୍ତମ ସାତ ବର୍ଷରେ ଅନେ ଫସଲ ହେଲା, ତା ପରେ ସାତ ବର୍ଷ ମହା ଦୁର୍ଭୀକ୍ଷ । କେବଳ ମିଶର ଛଡ଼ା ସମସ୍ତ ଦେଶରେ ଖାଦ୍ୟର ଅଭାବ ଦେଖାଦେଲା, ଯେଉଁଠାରେ କି ସେମାନେ ବୁଦ୍ଧିମାନର ସହିତ ଖାଦ୍ୟକୁ ସଂଗ୍ରହ କରି ରଖିଥିଲେ । ଯୋଶେଫଙ୍କର ସୁଦୂର ନିଜ ଦେଶରେ, ଯୋଶେଫଙ୍କ ପରିବାର ମଧ୍ୟ ଖାଦ୍ୟର ଅଭାବରେ ଥିଲେ ।



ଖାଦ୍ୟନିମନ୍ତେ ଲୋକମାନେ ସମସ୍ତ ଦେଶ ମାନଙ୍କରୁ ମିଶରକୁ ଖାଦ୍ୟ ସାମଗ୍ରୀ କ୍ରୟ କରିବା ନିମନ୍ତେ ଗଲେ । ନିଶ୍ଚିତ ଭାବରେ ତୁମ୍ଭେମାନେ ମଧ୍ୟ ମିଶରକୁ ଯିବା ଆବଶ୍ୟକ । ଯାକୁବ ନିଜର ସନ୍ତାନ ମାନଙ୍କୁ ଆଜ୍ଞା ଦେଲେ, ତା ନହେଲେ ଆମ୍ଭେ ସମସ୍ତେ ଖାଦ୍ୟାଭାବରେ ମୃତୁବରଣ କରିବା । ମିଶରରେ ପହଞ୍ଚିଲା ପରେ ପୁତ୍ରମାନେ ଖାଦ୍ୟ ସାମଗ୍ରୀ କିଣିବାକୁ ପ୍ରସ୍ତୁତ ହେଲେ ।



ଯାକୁବଙ୍କ ପୁତ୍ରମାନେ ସେହି ଦେଶରେ ଥିବା ଅଧିକ୍ଷକଙ୍କ ଆଗରେ
ଯାନୁପାତି ପ୍ରଣାମ କଲେ । ସେମାନେ ନିଜ ଭାଇ ଯୋଶେଫଙ୍କୁ
ଚିହ୍ନିପାରିଲେ ନାହିଁ । କିନ୍ତୁ ଯୋଶେଫ୍ ସେମାନଙ୍କୁ ଜାଣିଥିଲେ ।
ଯୋଶେଫ୍ ନିଜର ବାଳକ ସମୟର ସ୍ୱପ୍ନ କଥାକୁ ମନେ ପକାଇଲେ ।
ପରମେଶ୍ୱର ତାଙ୍କୁ ତାଙ୍କ ଭାଇମାନଙ୍କଠାରୁ ଉର୍ଦ୍ଧ୍ୱକୁ ଉଠାଇ ଅଛନ୍ତି ।



ଯୋଶେଫ୍ ବହୁତ ବୁଦ୍ଧିମାନ୍ ଥିଲେ । ସେ ସେମାନଙ୍କ ସହିତ କଟୁ କଥା କହିଲେ ଓ ନିଜଭାଇ ସିମିଅନ୍‌ଙ୍କୁ ସେମାଙ୍କ ଆଗରେ ବାନ୍ଧିପକାଇଲେ ।

ଖାଦ୍ୟ ସାମଗ୍ରୀ ନେଇଯାଅ, ଓ ନିଜର ସାନ ଭାଇଙ୍କୁ ମୋ କତିକି ଆଣ, ସେ ଆଜ୍ଞା କଲେ । ତେବେଯାଏଁ ଆମ୍ଭେ ଜାଣିବା ଯେ ତୁମ୍ଭେମାନେ ଗୁପ୍ତଚର ନୁହଁ ।



ଭାଇମାନେ ଭାବିଲେ, ବୋଧହୁଏ ଅନେକ ବର୍ଷ ଆଗରେ ସେମାନେ ଯୋଶେଫଙ୍କୁ କ୍ରୀତଦାସ ରୂପେ ବିକ୍ରୟ କରିଥିବା ହେତୁରୁ ପରମେଶ୍ୱର ସେମାନଙ୍କୁ ଦଣ୍ଡିତ କରୁଅଛନ୍ତି ।



ଯାକୁବ ଓ ତାଙ୍କ ପୁତ୍ରମାନେ ଦ୍ୱନ୍ଦରେ ପଡ଼ିଲେ । ଆମର ଟଙ୍କା ଖାଦ୍ୟସଶ୍ୟ ସହିତ ଫେରସ୍ତ ଆସିଛି । ଏବଂ ନିଜର ସାନ ଭାଇ ବେଞ୍ଜାମିନ୍‌କୁ ସାଥିରେ ନେବାକୁ ଶାସକ କହିଛନ୍ତି । ଯାକୁବ ବଞ୍ଜାମିନ୍‌କୁ ଯିବାକୁ ମନା କରିଦେଲେ । କିନ୍ତୁ ଅତି ଶିଘ୍ର ଖାଦ୍ୟଶସ୍ୟ ସରିଆସିଲା । ଭାଇମାନେ ଶସ୍ୟ କିଣିବା ନିମନ୍ତେ ମିଶର ଦେଶକୁ ଯିବାକୁ ପଡ଼ିଲା । ବେଞ୍ଜାମିନ୍ ମଧ୍ୟ ସେମାନଙ୍କ ସହିତ ଗଲେ ।



ଯେତେବେଳେ ଯୋଶେଫ୍ ବେଞ୍ଜାମିନ୍‌ଙ୍କୁ ଦେଖିଲେ ସେ ଏକ ମହା ଭୋଜର ଆୟୋଜନ କରିବା ନିମନ୍ତେ ଆଜ୍ଞା ଦେଲେ । ଭାଇମାନେ ନିମନ୍ତ୍ରୀତ ଥିଲେ । ତୁମ ବାପା କି ଏବେ ବି ବଞ୍ଚିଛନ୍ତି, ସେ କି ଭଲରେ ଅଛନ୍ତି, ଯୋଶେଫ୍ ପଚ଼ାରିଲେ । ହୋଇପାରେ ଯୋଶେଫ୍ ଭାବୁଥିଲେ ସେ କିପରି ଭାବରେ ନିଜର ସମସ୍ତ ପରିବାରକୁ ଏକତ୍ର କରିବେ ।



ଯୋଶେଫ୍ ମଧ୍ୟ ଜାଣିବାକୁ ଚାହୁଁଥିଲେ କି ତାଙ୍କ ଭାଇମାନେ ଅନେକ ବର୍ଷ ଆଗରୁ କରିଥିବା ପାପ ନିମନ୍ତେ ପଶ୍ଚାତାପ କରୁଛନ୍ତି । ଭୋଜର ଶେଷରେ ସେ ସେମାନଙ୍କୁ ଚୋରମାନେ ବୋଲି କହିଲେ । ଦୋଷି ମୋଠାରେ ଦାସ ହୋଇ ରହିବା ତୁମ୍ଭମାନଙ୍କର ଦଣ୍ଡ ଅଟେ, ଯୋଶେଫ୍ ସେମାନଙ୍କୁ କହିଲେ । ଆମ୍ଭର



ପ୍ରୋଭୋ, ତାହା ବଦଳରେ ମୋହର ପ୍ରାଣ ନିଅନ୍ତୁ, ଯିହୁଦା ନିବେଦନ କଲେ । ଯୋଶେଫ୍ ଜାଣିଥିଲେ ଯେ, ଯିହୁଦା ହିଁ ଯୋଶେଫ୍‌ଙ୍କୁ ବିକ୍ରୟ କରିବା ନିମନ୍ତେ ଉପଦେଶ ଦେଇଥିଲେ, ସତ୍ୟତାରେ ସେ ବଦଳି ଯାଇଥିଲେ ।

ନିଜର ଭାଇ ଓ ପରିବାର ପ୍ରତି ନିଜର ପ୍ରେମ ଲୁଚାଇ ନପାରି, ଯୋଶେଫ୍ ସମସ୍ତ ମିଶ୍ରୀୟ ମାନଙ୍କୁ ବାହାରି ଯିବାକୁ ଆଦେଶ ଦେଲେ । ତା ପରେ ସେ ରୋଦନ କରିବାକୁ ଲାଗିଲେ । ମୁଁ ଯୋଶେଫ୍ ତୁମ୍ଭମାନଙ୍କର ଭାଇ, ଯାହାକୁ ତୁମ୍ଭେମାନେ ମିଶ୍ରୀୟ ମାନଙ୍କୁ ବିକ୍ରୟ କରିଦେଇଥିଲ । ଉଦବିଗ୍ନ ଓ ଭୟରେ ସେମାନେ କିଛି ଉତ୍ତର ଦେଇ ପାରିଲେ ନାହିଁ ।



ଯୋଶେଫ୍ ନିଜର ଭାଇମାନଙ୍କୁ ଉତ୍ସାହ ଦେଲେ ।

ପରମେଶ୍ୱର ମୋତେ ମିଶରର



ଅଧିପତି କରିଛନ୍ତି ଯେପରି କି

ମୁଁ ତୁମ୍ଭମାନଙ୍କୁ ଏହି ଦୁର୍ଭିକ୍ଷରୁ ରକ୍ଷା

କରି ପାରିବି । ଯାଅ ମୋହର ପିତାଙ୍କୁ

ନେଇଆସ । ମୁଁ ତୁମ୍ଭମାନଙ୍କର ସେବା  କରିବି ।



ମିଶର ଦେଶରେ ଯାକୁବ ଏବଂ
ଯୋଶେଫ୍ ପୁଣିଥରେ ଏକତ୍ର ହୋଇଗଲେ
ଓ ସମସ୍ତ ପରିବାର ମିଶି ସେଠାରେ ଶାନ୍ତ
ଓ ସମୃଦ୍ଧିର ଜୀବନ ଯାପନ କଲେ ।

ସଦାପ୍ରଭୁ ପରମେଶ୍ୱର ଯୋଶେଫଙ୍କୁ, ଏକ କ୍ରୀତଦାସକୁ ଉପରକୁ ଉଠାଇଲେ ।

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଆଦିପୁସ୍ତକ ୩୯-୪୫

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୁତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚ଼ିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬